# ଯକ୍ଷ୍ମା କଣ?

**ଯକ୍ଷ୍ମା** ଏକ ବାୟୁବାହିତ, ସଂକ୍ରାମକ, ଜୀବାଣୁଜନିତ ରୋଗ ।
ଜୀବାଣୁ'ର ନାମ: **ମାଇକ୍ରୋବ୍ୟାକଟ୍ରିଅମ ଟ୍ୟୁବରକ୍ୟୁଲୋସିସ**

**ଯକ୍ଷ୍ମା'ର ପ୍ରକାରଭେଦ:**
ଯକ୍ଷ୍ମା ସାଧାରଣତଃ ଫୁସଫୁସରେ ହୋଇଥାଏ ଯାହାକୁ (ପଲମୋନାରି ଟିବି) କୁହାଯାଏ । ଫୁସଫୁସ ବ୍ୟତୀତ ଶରୀର'ର ନଖ ଏବଂ କେଶକୁ ଛାଡି ଅନ୍ୟ କେଉଁଠିକୁ ମଧ ଯକ୍ଷ୍ମା  ଆକ୍ରାନ୍ତ କରିପାରେ । ତାହାକୁ (ଏକ୍ସଟ୍ରା ପଲମୋନାରି ଟିବି) କୁହାଯାଏ ।

**ସାଧାରଣ ଯକ୍ଷ୍ମା'ର ଲକ୍ଷଣ:**
- ଦୁଇ ସପ୍ତାହରୁ ଅଧିକ ସମୟ କାଶ
- ସନ୍ଧ୍ୟାରେ ଦେହ ଉଷୁମ ରହିବା
- ଭୋକ ନଲାଗିବା
- ରାତିରେ ଅତ୍ୟଧିକ ଝାଳ ବୋହିବା
- ଓଜନ କମିଯିବା
- ଛାତିରେ ଯନ୍ତ୍ରଣା ହେବା

**କେତେକ ଅଣ ଫୁସଫୁସ  ଯକ୍ଷ୍ମା'ର ନିର୍ଦ୍ଦିଷ୍ଟ ଲକ୍ଷଣ:**
- ଗ୍ରନ୍ଥି ସମ୍ବନ୍ଧିତ: ବେକ ଫୁଲିବା
- ମସ୍ତିଷ୍କ ଯକ୍ଷ୍ମା: ମୁଣ୍ଡବ୍ୟଥା, ବିଭ୍ରାନ୍ତି, ମୂର୍ଚ୍ଛା
- ମେରୁଦଣ୍ଡ ଯକ୍ଷ୍ମା: ପିଠିରେ ଯନ୍ତ୍ରଣା
- ଫୁସଫୁସରେ ପାଣି ଜମିବା: ଛାତିରେ ଯନ୍ତ୍ରଣା, ଶ୍ୱାସରୁଦ୍ଧ ଲାଗିବା

# ଯକ୍ଷ୍ମା ଚିହ୍ନଟ କିପରି ହୁଏ?

**ତଳେ ଲିଖିତ ପ୍ରକ୍ରିୟାରୁ ଗୋଟିଏ ବା ଅଧିକ ପରୀକ୍ଷା ଦ୍ୱାରା ଯକ୍ଷ୍ମା ରୋଗ ଚିହ୍ନଟ ହୋଇଥାଏ**


- କଫ ପରୀକ୍ଷା (ଏ.ଏଫ.ବି)
- କଫ କଲଚର-ଲାଇନ ପ୍ରୋବ ଆସେ (ଏଲ.ପି.ଏ)
- ସିବିନାଟ/ଟ୍ରୁନାଟ
- ଛାତିର ରଞ୍ଜନ ରଶ୍ମୀ (ଏକ୍ସରେ)
- ମଣ୍ଟୁ (ଚର୍ମ ଉପରେ ଯାଞ୍ଚ)
- ଶରୀର'ର ପ୍ରଭାବିତ ଅଙ୍ଗର ସୂକ୍ଷ୍ମ ଅଂଶ ପରୀକ୍ଷଣ (ବାୟୋପ୍ସି)
- ସିଟି ଏବଂ ଏମ. ଆର. ଆଇ. ସ୍କାନ

**ଯକ୍ଷ୍ମା ଏକ ଆରୋଗ୍ୟସାଧ ରୋଗ:**

- ଯକ୍ଷ୍ମା ଚିହ୍ନଟ ହେଲେ ନିକଟସ୍ଥ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ମାଗଣାରେ ଔଷଧ ନେଇ ନିୟମିତ ଔଷଧ ସେବନ କରନ୍ତୁ ।
- ଯକ୍ଷ୍ମା ପରୀକ୍ଷଣ ଏବଂ ଚିକିତ୍ସା ସମ୍ପୂର୍ଣ ଦେୟମୁକ୍ତ ।
- ଚିକିତ୍ସାରେ ଥିଲାବେଳେ ରୋଗୀଙ୍କୁ ନିକ୍ଷୟ ପୋଷଣ ଯୋଜନାରେ ଛଅ ମାସ ପାଇଁ ଦୁଇ କିସ୍ତିରେ ମାସକୁ ୫୦୦ ଟଙ୍କା ହିସାବରେ ୩୦୦୦ଟଙ୍କା ମିଳିବ ।
- ଯଦି ଚିକିତ୍ସା ଅବଧି ଅଧିକ ଅଛି ତେବେ ଛଅ ମାସ ପରେ ଚିକିତ୍ସା ସରିଲା ପର୍ଯ୍ୟନ୍ତ ପ୍ରତି ମାସରେ ୫୦୦ ଟଙ୍କା ଆପଣଙ୍କ ବ୍ୟାଙ୍କ ଖାତାରେ ମିଳିବ ।

# ଚିକିତ୍ସା ସମୟରେ ନିଶ୍ଚିତ ଧ୍ୟାନ ରଖନ୍ତୁ:

- ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଦିନର ନିର୍ଦ୍ଦିଷ୍ଟ ସମୟରେ ନିର୍ଦ୍ଦିଷ୍ଟ ଔଷଧ ସେବନ କରନ୍ତୁ।
- ଗୋଟିଏ ଥର ଯେତିକି ଔଷଧ ଖାଇବାରଅଛି ଅଳ୍ପ ପାଣିରେ ଏକାଥରକେ ଖାଆନ୍ତୁ ।
- ଔଷଧ ଖାଇସାରିଲାପରେ ଚିକିତ୍ସା କାର୍ଡରେ ଠିକ ଚିହ୍ନ ମାରି ରଖନ୍ତୁ ।
- ଔଷଧ ଦେହ ସହ ସନ୍ତୁଳିତ ହେବାପାଇଁ ଦୁଇ ସପ୍ତାହ ଲାଗିଯିବ ତାପରେ ଆପଣ ସୁସ୍ଥ ବୋଧ କରିବେ ।
- ମନେ ରଖନ୍ତୁ ଭଲ ଲାଗୁଛି ଭାବି ଔଷଧ ଛାଡିବେ ନାହିଁ ।
- ରିଫାମ୍ପାଇସିନ ପ୍ରଭାବରେ ପରିସ୍ରା ଲାଲ ହେଲେ ଡରନ୍ତୁ ନାହିଁ ।
- ଅଧିକ ପାର୍ଶ୍ୱ ପ୍ରତିକ୍ରିୟା ହେଲେ ଡାକ୍ତରଙ୍କ ପରାମର୍ଶ ନିଶ୍ଚିତ ନିଅନ୍ତୁ ।
- ଯକ୍ଷ୍ମା ସହିତ ଅନ୍ୟ କୋଣସି ରୋଗପାଇଁ ଔଷଧ ଖାଉଥିଲେ ଡାକ୍ତରଙ୍କୁ ଜଣାନ୍ତୁ ।
- ଯକ୍ଷ୍ମା ଔଷଧ ଶିଶୁମାନଙ୍କର ହାତପାହାନ୍ତାରୁ ଦୂରେଇ ରଖନ୍ତୁ ।



**କେବଳ ଔଷଧ ନୁହେଁ**
**ଯକ୍ଷ୍ମାମୁକ୍ତ ହେବାପାଇଁ**
**ନିଜ ସ୍ୱାସ୍ଥ୍ୟ'ର ଯତ୍ନ ନିଅନ୍ତୁ ।**

- ଧୂମ୍ର ପାନ କରନ୍ତୁ ନାହିଁ ।
- ମଦ୍ୟପାନ ଏବଂ ମାଦକ ଦ୍ରବ୍ୟ ବର୍ଜ୍ଜନ କରନ୍ତୁ ।
- ଅତ୍ୟଧିକ ଚିନ୍ତା କରନ୍ତୁ ନାହିଁ ।
- ୭-୮ ଘଣ୍ଟା ଶୁଅନ୍ତୁ ।
- ନିୟମିତ ବ୍ୟାୟାମ କରନ୍ତୁ ।
- ଯକ୍ଷ୍ମା ସହିତ ଅନ୍ୟରୋଗ ଥିଲେ ନିୟମିତ ଡାକ୍ତରଙ୍କ ସହିତ ପରାମର୍ଶ କରନ୍ତୁ ।

**ଖାଦ୍ୟ ଏବଂ ପୋଷଣ:**

- ଚିକିତ୍ସା ସମୟରେ ରୋଗୀଙ୍କୁ ସନ୍ତୁଳିତ ଏବଂ ପୌଷ୍ଟିକ ଆହାର ବହୁତ ଆବଶ୍ୟକ ।
- ନିଜ ପାଖରେ ମିଳୁଥିବା ଖାଦ୍ୟ, ଋତୁକାଳୀନ ପନିପରିବା, ଡାଲି, ସୋୟାବଡି ନିୟମିତ ଖାଆନ୍ତୁ ।
- ଖାଦ୍ୟରେ ଅଣ୍ଡା, ମାଛ, ମାଂସ ମଧ୍ୟ ଖାଇ ପାରିବେ ।

**(ମଧୁମେହ, ରକ୍ତଚାପ ଇତ୍ୟାଦିଥିଲେ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଖାଦ୍ୟ ସନ୍ତୁଳିତ କରନ୍ତୁ)**

**ସତର୍କତା'ର ଅବଲମ୍ବନ କରନ୍ତୁ:**

- ନିୟମିତ ଯକ୍ଷ୍ମା ଚିକିତ୍ସା ନକଲେ ଆପଣଙ୍କୁ ଔଷଧ ପ୍ରତିରୋଧି ଯକ୍ଷ୍ମା/ଡ଼ି.ଆର.ଟିବି ହୋଇଯିବ ।
- ଆପଣଙ୍କ ପ୍ରିୟଜନଙ୍କୁ ରୋଗ ସଂକ୍ରମିତ ହୋଇଯାଇପାରେ ।
- ଆପଣଙ୍କ ଫୁସଫୁସ କିମ୍ବା ଆକ୍ରାନ୍ତ ଅଙ୍ଗ କ୍ଷତିଗ୍ରସ୍ତ ହୋଇଯିବ ।

**Helpline Number:**
**18001166660**

**ଡାଉନଲୋଡ କରନ୍ତୁ ନିଜ ମୋବାଇଲରେ**



**ଟିବି ଆରୋଗ୍ୟ ସାଥୀ ଆପ**
**ଗୁଗୁଲ ପ୍ଲେ ଷ୍ଟୋରରୁ**

**ଯକ୍ଷ୍ମା ବିଷୟରେ ଅଧିକ ଜାଣିବାପାଇଁ କ୍ଲିକ କରି ପଢନ୍ତୁ**


https://tbcindia.mohfw.gov.in

Sahayog
for equity and sustainable development

96, Surya Nagar, 1st Floor
Unit-VII, Bhubaneswar, 751003, Odisha
Mob: 9439196101
Email id. sahayogodisha@gmail.com
www.sahayogodisha.org

Sahayog
for equity and sustainable development

# ଯକ୍ଷ୍ମା'କୁ ଜାଣିବା
# ଯକ୍ଷ୍ମା'କୁ ଜିଣିବା




**ଆସନ୍ତୁ ସମସ୍ତେ ମିଶି**
**ଓଡ଼ିଶାକୁ ଯକ୍ଷ୍ମାମୁକ୍ତ କରିବା**

**ସୌଜନ୍ୟ: 'ସହଯୋଗ' ଭୁବନେଶ୍ୱର, ଓଡ଼ିଶା**